# ଦଳିତ ଓ ଆଦିବାସୀ ମାନଙ୍କର ସାମାଜିକ ଉନ୍ନତି ଆବଶ୍ୟକ

ଭୁବନେଶ୍ୱର ୨୨/୯/୨୦୧୬: ଭାରତୀୟ ସମ୍ବିଧାନ ଆମ ସମସ୍ତ ନାଗରିକମାନଙ୍କୁ ସମାନ ଅଧିକାର ଦେଇଛି ଏବଂ ଆମମାନଙ୍କ ମଧ୍ୟରେ କୌଣସି ଭେଦଭାବ ନାହିଁ ବୋଲି ଏଥିରେ ଉଲ୍ଲେଖ ଅଛି । ଆମ ସମାଜରେ ଥିବା ଦଳିତ, ଆଦିବାସୀ, ପଛୁଆ ବର୍ଗ ତଥା ମହିଳାମାନଙ୍କ ଉନ୍ନତି ଏବଂ ସେମାନଙ୍କୁ ସମାନ ସ୍ତରକୁ ଆଣିବା ପାଇଁ ୧୯୯୩ ମସିହାରେ ଆମ ସମ୍ବିଧାନରେ କେତେକ ସଂଶୋଧନ ହୋଇଥିଲା । କିନ୍ତୁ ଦୁଃଖର ବିଷୟ ଭାରତ ସ୍ୱାଧୀନହେବାର ୭୦ ବର୍ଷ ପରେ ବି ଏହା ଏପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ ବୋଲି ଅଗ୍ରଗାମୀ ସଂସ୍ଥାର ମୁଖ୍ୟ ଅଚ୍ୟୁତ ଦାଶ କହିଥିଲେ ।

ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଦ୍ୱାରା ଆୟୋଜିତ "ଭାରତୀୟ ସମ୍ବିଧାନ ଓ ସାମାଜିକ ଉନ୍ନତି" ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀ ଦାସ କହିଲେକି ଆଦିବାସୀ ଏବଂ ପଛୁବର୍ଗଙ୍କ ସୁରକ୍ଷା ଏବଂ ସେମାନଙ୍କର ଉନ୍ନତି ପାଇଁ ଆମ ସମ୍ବିଧାନରେ ଅନେକ ଆଇନ ରହିଅଛି କିନ୍ତୁ ତାହା ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ଯୋଉଥିପାଇଁ ଆଜି ଆଦିବାସୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯଦି ସରକାର ଆଦିବାସୀ ମାନଙ୍କ ସହିତ ପରାମର୍ଶ କରି ସେମାନଙ୍କର ଉନ୍ନତି ପାଇଁ ପ୍ରତିବର୍ଷ ଯେଉଁ ଅର୍ଥ ମଂଜୁର ହୋଉଅଛି ତାହାର ସଦୁପଯୋଗ କରି ବିଭିନ୍ନ ପ୍ରକଳ୍ପ କରନ୍ତେ ତାହା ହେଲେ ସେମାନଙ୍କର ଅସୁବିଧା ରହିବନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଉତ୍କଳ ୟୁନିଭରସିଟିର ପବ୍ଲିକ ଆଡିମିନଷ୍ଟ୍ରେସନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ନିରଂଜନ ପାଣି ତଳ ସ୍ତରରେ ରହିଥିବା ଲୋକମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ବିଭିନ୍ନ ସାମାଜିକ ତଥା ଅର୍ଥନୈତିକ ମୌଳିକ ବ୍ୟବସ୍ଥା ଆମ ସମ୍ବିଧାନରେ ରହିଅଛି ବୋଲି ମତବ୍ୟକ୍ତ କରିଥିଲେ । ପୁରୁଷମାନଙ୍କ ଭଳି ନାରୀମାନେ ରାଜନୈତିକ କ୍ଷେତ୍ରରେ ହେଉ କିମ୍ବା ବିଭିନ୍ନ ସରକାରୀ ତଥା ବେସରକାରୀ ପଦପଦବୀରେ ନିଜକୁ ପ୍ରତ୍ୟେକ୍ଷଭାବେ ସାମିଲ କରିପାରିଲେ ଦେଶର ଉତରୋତର ଉନ୍ନତି ହେବବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

ବସୁନ୍ଧରାର ନେର୍ଦ୍ଦେଶକ ମାନସ ମିଶ୍ର ସାମାଜିକ ନ୍ୟାୟ ଓ ସାମାଜିକ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ । ଆମ ଗଣତନ୍ତ୍ରର ସମ୍ବିଧାନରେ ଆମେ ସମସ୍ତେ ଭାରତର ନାଗରୀକଙ୍କର ସମାନତା କଥା ଆସିଲେ ଆମ ସମାଜ ତାହା ସହଜରେ ଗ୍ରହଣ କରିପାରୁ ନାହିଁ ବୋଲି ସେ କହିଥିଲେ । କୌଣସି ରାଜନୈତିକ ଦଳ ବା ନେତା ମଧ୍ୟ ଦଳିତ, ଆଦିବାସୀ ଏବଂ ପଛୁଆ ସ୍ତରର ଲୋକମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣି ସେମାନଙ୍କ ମଧ୍ୟରେ ଐକ୍ୟ ସ୍ଥାପନ କରିବାର ପ୍ରୟାସ କରିପାରୁ ନାହାନ୍ତି ବରଂ ସେମାନଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରୁଛନ୍ତି ବୋଲି ସେ କହିଥିଲେ । ବିଭିନ୍ନ ସରକାରୀ ପଦ ପଦବୀରେ ସ୍ଥାନସଂରକ୍ଷଣ ବ୍ୟବସ୍ଥା ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ଆମେ ସମସ୍ତେ ଗୋଟିଏ ଜାତିର ବୋଲି ଭାବି ପାରିଲେ ଜାତିପ୍ରଥା ସମୁଳେ ଲୋପ ପାଇବ ଏବଂ ସମାଜର ମଙ୍ଗଳ ହେବ ବୋଲି କହି ସେ ତାଙ୍କ ବକ୍ତବ୍ୟ ଶେଷ କରିଥିଲେ ।

ଶେଷରେ ଛାତ୍ରଛାତ୍ରୀମାନେ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଭାଗ ନେଇ ସେମାନଙ୍କର ବିଷୟଗତ ସଂଦେହ ଦୂର କରିଥିଲେ । ଅନୁଷ୍ଠାନର ଅଧ୍ୟାପିକା ଡଃ ଗାୟତ୍ରୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଏବଂ ଅଧ୍ୟାପକ ରଘୁନାଥ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।